# ପାଠ-୮- ପ୍ରବନ୍ଧ : 'ଜାତୀୟ ଜୀବନ'

## ଲେଖକ - ଉତ୍କଳଗୌରବ ମଧୁସୂଦନ ଦାସ

### ଶ୍ରେଣୀ – ନବମ

### ପ୍ରଥମ ଦିନ

**General Objectives** - ସାଧାରଣ ଆଭିମୁଖ୍ୟ :

ପରାଧୀନ ଉତ୍କଳୀୟମାନଙ୍କୁ ଜାତୀୟତାର ସ୍ରୋତରେ ସାମିଲ୍ କରିବା ନିମିତ୍ତ 'ଉତ୍କଳ-ସମ୍ମିଳନୀ'ରେ ପ୍ରଦତ୍ତ ଅଭିଭାଷଣ । ପରାଧୀନ ଭାରତୀୟଙ୍କ ମନରେ ଦେଶ ପ୍ରେମର ଭାବନା ଜାଗ୍ରତ ।

**Specific Objectives** - ବିଶେଷ ଆଭିମୁଖ୍ୟ :

ସ୍ୱତନ୍ତ୍ର ଓଡିଶା ପ୍ରଦେଶ ଓ ଉତ୍କଳ ସମ୍ମିଳନୀ ସଂପର୍କରେ ଧାରଣା ।

ଓଡିଶାର ମାଟି, ପାଣି, ପବନ ଏବଂ ଜାତୀୟତାକୁ ଭଲ ପାଇବାର ଆହ୍ୱାନ ।

ବ୍ୟାକରଣଗତ ଶବ୍ଦ ଏବଂ ବ୍ୟାବହାରିକ ଶବ୍ଦର ଅଧିକ ପ୍ରୟୋଗ ।

କଥନ ଏବଂ ଲିଖନ ଦକ୍ଷତା ବୃଦ୍ଧି । ଓଡିଆ ଜାତିକୁ ସମ୍ମାନ ଦେବାର ଉଦ୍‌ବୋଧନ ।

ODM EDUCATIONAL GROUP
Changing your Tomorrow




ODM EDUCATIONAL GROUP
Changing your Tomorrow

# ତୁମ ପରି ଛୋଟ ପିଲାଟିଏ

ତୁମ ପରି ଛୋଟ ପିଲାଟିଏ
ଗାଆଁ ଚହାଳୀର ଚାଟ ସିଏ
ଚେହେରାଟି ତାର ଡଉଲ ଡାଉଲ
ପାଠରେ ତାହାର ସରି କିଏ ?

ଛାଡି ଯାଇଥିଲା ଦିନେ ଝଡି
ବାହାରିଲା ସିଏ ପାଠ ପଢି
ବାଟେ ଯାଉଯାଉ ଖସିଗଲା ଗୋଡ
ମୁହଁ ମାଡି ତଳେ ଗଲା ପଡି ।

ଗୁରୁଜୀ ଦେଖିଲେ ଦେହ ତାର
ପାଣି କାଦୁଅ ରେ ସର ସର
ତିଳେହେଁ ସେଥିକୁ ଖାତିରି ନକରି
ଆସିଛି ହୋଇ ସେ ତର ବର ।

ପଚାରିଲେ ଗୁରୁ ଏକି ହେଲା
ଏତେ ସରି ତୋତେ କିଏ କଲା
ପିଲାଟି କହିଲା ବେଗେ ଆସୁଆସୁ
କାଦୁଆରେ ଗୋଡ ଖସିଗଲା ।

ହେଲା ଦଶହରା ଛୁଟି ବେଳ
ପିଲାଟି ସଭିଙ୍କି କଲା ମେଳ
ମାଟି ଗୋଡି ବାଲି ପକାଇ ସଭିଏଁ
ଗାଆଁ ମାଟି କଲେ ସମତୁଲ ।

ଏହା ଦେଖି ଲୋକେ ହେଲେ କାବା
ଡକାଇଲେ ଗୁରୁ ଚାଟସଭା
କହିଲେ ଏଭଳି ଭଲକାମ କଲେ
ନିଶ୍ଚେ ଆମେ ଦିନେ ବଡହେବା ।

ବଡ ହେଲା ଦିନେ ସେହି ପିଲା
ମଧୁ ବାରିଷ୍ଟର ବୋଲାଇଲା
ଦେଶ ପାଇଁ କେତେ କାମ କରି ସିଏ
କାଳେ କାଳେ ଯଶ ରଖିଗଲା ।

କହିଲା ଜାତିର କାନେ କାନେ
ଉଠିବୁ ଆଉ ତୁ କେତେ ଦିନେ
ପୂରୁବ ଗୌରବ ପୂରୁବ ମହିମା
ପଡୁନାହିଁ କିରେ ତତେ ମନେ ?

ODM EDUCATIONAL GROUP
Changing your Tomorrow

"ତୁ ପରା ବୋଲାଉ  ଉତ୍କଳ ସନ୍ତାନ
ତେବେ କିମ୍ପା ତୁହି ଭୀରୁ
ତୋହର ଜନନୀ  ରୋଦନ କରିଲେ
କହିବାକୁ କିମ୍ପା ଡରୁ ?"

– ମଧୁସୂଦନ ଦାସ

ODM EDUCATIONAL GROUP
Changing your Tomorrow

# Expected Learning Outcome

ଆଲୋଚ୍ୟ ପ୍ରବନ୍ଧ ମାଧ୍ୟମରେ ଛାତ୍ର ଛାତ୍ରୀ ମାନଙ୍କ ମଧ୍ୟରେ ଦେଶାତ୍ମ ବୋଧର ଭାବ ଉଦ୍ରେକ କରିବା ପାଇଁ ପ୍ରୟାସ ।

'ଜଳ ର ଜାତୀୟ ଗୁଣ ନିମ୍ନଗତି' – ସୁତରାଂ ନମ୍ର ଏବଂ ଗୁଣୀ ହେବାକୁ ଛାତ୍ର ଛାତ୍ରୀ ମାନଙ୍କୁ ଶିକ୍ଷା ଦେବା ।

ସୂର୍ଯ୍ୟ ଭଳି ସମସ୍ତଙ୍କର ଖରାପ ଗୁଣ ଗୁଡ଼ିକୁ ତ୍ୟାଗ କରି ଭଲ ଗୁଣଗୁଡ଼ିକୁ ଗ୍ରହଣ କରି ଜୀବନକୁ ନୂତନ ମାର୍ଗରେ ପରିଚାଳିତ କରିବା ପାଇଁ ଛାତ୍ର ଛାତ୍ରୀ ମାନଙ୍କୁ ଶିକ୍ଷା ଦେବା ।

ODM EDUCATIONAL GROUP
Changing your Tomorrow

ପ୍ରବନ୍ଧ ଉପସ୍ଥାପନା (ଦଳଗତ କୁଇଜ୍)

- ଉତ୍କଳ ସମ୍ମିଳନୀ କିଏ ଏବଂ କେଉଁ ମସିହାରେ ପ୍ରତିଷ୍ଠା କରିଥିଲେ ?
- 'ଉତ୍କଳ ଗୌରବ' କାହାକୁ କୁହାଯାଏ ?
- 'ତୁମ ପରି ଛୋଟ ପିଲାଟିଏ' କାହା ଉଦ୍ଦେଶ୍ୟରେ କୁହାଯାଇଥିଲା ।
- ଓଡିଶା ସ୍ୱତନ୍ତ୍ର ପ୍ରଦେଶ କେବେ ହୋଇଥିଲା ।
- ଓଡିଆ ସ୍ୱାଭିମାନର ପ୍ରତୀକ କିଏ ।
- କୁଳବୃଦ୍ଧ କାହାକୁ କୁହାଯାଏ ।

ମଧୁସୂଦନ ଦାସଙ୍କ ସାହିତ୍ୟ କୃତି ଉପରେ ପ୍ରଶ୍ନ .......

ODM EDUCATIONAL GROUP
Changing your Tomorrow

## ପ୍ରବନ୍ଧର ପ୍ରଥମ ଅନୁଚ୍ଛେଦ ବ୍ୟାଖ୍ୟା

ପ୍ରାବନ୍ଧିକ ନାମ – ମଧୁସୂଦନ ଦାସ (ଉତ୍କଳ ଗୌରବ)

ବାଲ୍ୟକାଳର ନାମ – ଗୋବିନ୍ଦ ବଲ୍ଲଭ ଦାସ

ପିତାଙ୍କ ନାମ  - ଚୌଧୁରୀ ରଘୁନାଥ ଦାସ

ମାତାଙ୍କ ନାମ - ପାର୍ବତୀ ଦେଈ

ଜନ୍ମ ସ୍ଥାନ - କଟକ ଜିଲ୍ଲା ଅନ୍ତର୍ଗତ ସାଲେପୁର ନିକଟ ବର୍ତ୍ତୀ ସତ୍ୟଭାମାପୁର ଗ୍ରାମ ।

୧୯୦୩ – ଉତ୍କଳ ସମ୍ମିଳନୀ ଗଠନ ।

୧୯୩୬ – ଏପ୍ରିଲ୍ ପହିଲା (୧) ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ ।

ସାହିତ୍ୟ କୃତି – ୭ ଗୋଟି ଦେଶାତ୍ମ ବୋଧକ କବିତା ।

ODM EDUCATIONAL GROUP
Changing your Tomorrow

## ପ୍ରବନ୍ଧର ସାରମର୍ମ

ଜାତି ଜାତି ମଧ୍ୟରେ ସଦ୍‌ଭାବ ପ୍ରତିଷ୍ଠା ନିମନ୍ତେ ଜାତୀୟ ଜୀବନ ଏକାନ୍ତ ଅପରିହାର୍ଯ୍ୟ ।

ଆତ୍ମମାନଙ୍କ ମଧ୍ୟରେ ପରିଲକ୍ଷିତ ହେଉଥିବା ଜୀବନ ହେଉଛି ବ୍ୟକ୍ତିଗତ ଜୀବନ, ଯେଉଁ ଜୀବନ କ୍ଷଣସ୍ଥାୟୀ, ତ'ର ନିଶ୍ଚିତରୂପେ ପରିସମାପ୍ତି ହେବ କାଲି ଶ୍ମଶାନରେ । ଶରୀରର ଅଭ୍ୟନ୍ତରରେ ବିଦ୍ୟମାନ ଥିବା ଆତ୍ମା ପହଞ୍ଚିବ ଈଶ୍ୱରଙ୍କ ନିକଟରେ; କିନ୍ତୁ ପାର୍ଥିବ ଅର୍ଥାତ୍ ସାଂସାରିକ ଜୀବନର ରହିଛି ଏକ ଆକର୍ଷଣୀ ଶକ୍ତି ।

ବ୍ୟାକରଣ ଗତ ଶବ୍ଦ ଏବଂ ଶବ୍ଦାର୍ଥ ଲିଖନ ।

ଶ୍ମଶାନ – ଶବର ଶୟନ – ତତ୍ପୁରୁଷ ସମାସ

ଆତ୍ମା – ଆତ୍ମୀୟ – ବିଶେଷଣ

ଆକର୍ଷଣ – ଆକର୍ଷଣୀ / ଆକର୍ଷିତ

ପାର୍ଥିବ – ପୃଥିବୀ ସମ୍ବନ୍ଧୀୟ

ODM EDUCATIONAL GROUP
Changing your Tomorrow

## ଗୃହକର୍ମ :

'ଉତ୍କଳ ସମ୍ମିଳନୀ' ବିଷୟରେ ଗୋଟିଏ ଅନୁଚ୍ଛେଦ ଲେଖ ।

ODM EDUCATIONAL GROUP
Changing your Tomorrow

# THANKING YOU

# ODM EDUCATIONAL GROUP

ODM
EDUCATIONAL GROUP
*Changing your Tomorrow*